# NATIONAL NEWS BULLETIN (ODIA)

## 27th June - 2026

## Morning Bulletin : 7.15 a.m.

*********************************

ଆକାଶବାଣୀ..... ସମ୍ବାଦ ପଢ଼ୁଛନ୍ତି..... **ସତ୍ୟବ୍ରତ ବେହୁରା**

## ମୁଖ୍ୟ ସମ୍ବାଦ

- ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ନେଇ ଆଜିଠାରୁ ତିନିଦିନିଆ ସେସେଲ୍ସ ଗସ୍ତ କରିବେ ପ୍ରଧାନମନ୍ତ୍ରୀ ।

- ଭାରତର ପ୍ରଥମ ସମବାୟ ଆଧାରିତ ଟ୍ୟାକ୍ସି ସେବା 'ଭାରତ ଟ୍ୟାକ୍ସି'ର ଆଜି ଶୁଭାରମ୍ଭ କରିବେ ସ୍ୱରାଷ୍ଟ୍ର ମନ୍ତ୍ରୀ ।

- ଅପରେସନ୍ ଆମିସ୍ତାଦ ଅଧୀନରେ ଭେନେଜୁଏଲାର ଭୂକମ୍ପ ପୀଡ଼ିତଙ୍କପାଇଁ ମାନବିକ ସହାୟତା ସାମଗ୍ରୀ ପଠାଇଲା ଭାରତ ।

- ତାମିଲନାଡୁର କଲ୍ପକମ୍ ପରମାଣୁ ଗବେଷଣା କେନ୍ଦ୍ରରେ ବିଶ୍ୱର ପ୍ରଥମ ହାଇଡ୍ରୋଜେନ ଉତ୍ପାଦନ କେନ୍ଦ୍ର ଉଦ୍‌ଘାଟିତ ।

ଏବଂ

- ଏଫ୍.ଆଇ.ଏଚ୍. ପୁରୁଷ ପ୍ରୋ-ଲିଗ୍ ହକିରେ ୭-୧ ଗୋଲ୍‌ରେ ପାକିସ୍ତାନକୁ ପରାସ୍ତ କଲା ଭାରତ ।

## ପି.ଏମ୍. - ସେସେଲ୍‌ସ୍ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜିଠାରୁ ତିନିଦିନିଆ ସରକାରୀ ଗସ୍ତରେ ସେସେଲ୍ସ ଗସ୍ତ କରିବେ। ସେସେଲ୍ସର ରାଷ୍ଟ୍ରୀୟ ଦିବସର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଶ୍ରୀ ମୋଦି ମୁଖ୍ୟ ଅତିଥି ଭାବେ ଯୋଗଦେବେ। ପ୍ରଧାନମନ୍ତ୍ରୀ ଶେଷଥର ପାଇଁ ୨୦୧୫ ମସିହାରେ ସେସେଲ୍ସ ଗସ୍ତ କରିଥିଲେ। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ଏହି ସମାରୋହରେ ଭାରତୀୟ ପ୍ରତିରକ୍ଷା ବାହିନୀର ଏକ ଦଳ ଏବଂ ନୌସେନାର ଦୁଇଟି ଯୁଦ୍ଧଜାହାଜ ଅଂଶଗ୍ରହଣ କରିବେ।

ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ସେସେଲ୍ସର ରାଷ୍ଟ୍ରପତି ଡକ୍ଟର ପାଟ୍ରିକ୍ ହର୍ମିନିଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ। ପ୍ରଧାନମନ୍ତ୍ରୀ ସେସେଲ୍ସର ଜାତୀୟ ବିଧାନସଭାକୁ ସମ୍ବୋଧିତ କରିବା ସହ ସେଠାରେ ବସବାସ କରୁଥିବା ଭାରତୀୟ ସମ୍ପ୍ରଦାୟର ସଦସ୍ୟଙ୍କ ସହ ମତବିନିମୟ କରିବେ। ଶ୍ରୀ ମୋଦି ଆଜି ଉଦ୍ଭିଦ ଉଦ୍ୟାନରେ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗଦେବା ସହ ସେସେଲ୍ସ କୋଷ୍ଟଗାର୍ଡ ଘାଟି ପରିଦର୍ଶନ କରିବେ।

# ଶାହା ଲଞ୍ଚ୍ ଭାରତ ଟ୍ୟାକ୍ସି

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ଗୁଜରାଟର ଗାନ୍ଧୀନଗରସ୍ଥିତ ମହାତ୍ମା ମନ୍ଦିରରେ ଭାରତର ପ୍ରଥମ ସମବାୟ ଆଧାରିତ ଟ୍ୟାକ୍ସି ସେବା 'ଭାରତ ଟ୍ୟାକ୍ସି'ର ଶୁଭାରମ୍ଭ କରିବେ। ତିନି ଦିନିଆ ଗୁଜରାଟ ଗସ୍ତରେ ଯାଇଥିବା ଶ୍ରୀ ଶାହା ଆଜି ସେଠାରେ କେତେକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିବେ।

ଆମ ସଂବାଦଦାତାଙ୍କ ସୂଚନା ଅନୁଯାୟୀ କାର୍ଯ୍ୟକ୍ରମରେ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୁପେନ୍ଦ୍ର ପଟେଲ, ଉପମୁଖ୍ୟମନ୍ତ୍ରୀ ହର୍ଷ ସାଙ୍ଘ୍ଭି, ସମବାୟ କ୍ଷେତ୍ରର ପ୍ରତିନିଧି ଏବଂ ୪,୦୦୦ରୁ ଅଧିକ ଡ୍ରାଇଭର ଅଂଶଗ୍ରହଣ କରିବେ।

ଅମୂଲ, ଇଫ୍କୋ, ନାବାର୍ଡ଼ ସହିତ ଆଠଟି ପ୍ରମୁଖ ସମବାୟ ସଂସ୍ଥାର ସହଯୋଗରେ 'ଭାରତ ଟ୍ୟାକ୍ସି' ଯୋଜନା କାର୍ଯ୍ୟକାରୀ ହେଉଛି । ଏଥିରେ ଶୂନ୍ୟ କମିଶନ ମଡେଲ୍ ଆଧାରରେ ଚାଳକମାନଙ୍କୁ ସର୍ବାଧିକ ଆର୍ଥିକ ଲାଭ ପ୍ରଦାନ କରାଯିବ ବୋଲି ଲକ୍ଷ୍ୟ ରଖାଯାଇଛି ।

# ରୁରାଲ୍ ଡେଭ୍ଲପ୍ମେଣ୍ଟ କନ୍ଫରେନ୍ସ

କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଆସନ୍ତାକାଲି ଓ ୨୯ ତାରିଖରେ ନୂଆଦିଲ୍ଲୀରେ ଆୟୋଜିତ ହେବାକୁ ଥିବା ଜାତୀୟ ଗ୍ରାମୀଣ

ବିକାଶ ସମ୍ମିଳନୀ ୨୦୨୬ରେ ଅଧ୍ୟକ୍ଷତା କରିବେ। ଏହି ଦୁଇ ଦିନିଆ ସମ୍ମିଳନୀରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଗ୍ରାମୀଣ ବିକାଶ ମନ୍ତ୍ରୀ, ବରିଷ୍ଠ ସରକାରୀ ଅଧିକାରୀ ଏବଂ ବିଶେଷଜ୍ଞମାନେ ଅଂଶଗ୍ରହଣ କରି ସମସ୍ତ ଗ୍ରାମୀଣ ବିକାଶ ଯୋଜନାଗୁଡ଼ିକର ସମୀକ୍ଷା କରିବେ।

## କୋଲ୍‌କାତା ମିଶାପ୍

କୋଲକାତାର ତାରାତଲା ଅଞ୍ଚଳରେ କୋଠା ଭୁଶୁଡ଼ି ପଡ଼ିବା ଘଟଣାରେ ମୃତକଙ୍କ ସଂଖ୍ୟା ୧୬କୁ ବୃଦ୍ଧି ପାଇଛି। ଆହତମାନଙ୍କୁ ବିଭିନ୍ନ ହସ୍ପିଟାଲରେ ଚିକିତ୍ସା କରାଯାଉଛି । ଏହି ଘଟଣାରେ ଜଣେ ସରକାରୀ ଅଧିକାରୀଙ୍କ ସମେତ ୬ ଜଣଙ୍କୁ ପୋଲିସ ଗିରଫ କରିଛି। ଘଟଣାର ତଦନ୍ତ ପାଇଁ ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୃତକଙ୍କ ନିକଟତମ ସମ୍ପର୍କୀୟଙ୍କୁ ୨ ଲକ୍ଷ ଟଙ୍କା ଏବଂ ଆହତମାନଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ସୁଭେନ୍ଦୁ ଅଧିକାରୀ ମୃତକଙ୍କ ନିକଟତମ ସମ୍ପର୍କୀୟଙ୍କୁ ୧୦ ଲକ୍ଷ ଟଙ୍କା ଏବଂ ଆହତମାନଙ୍କୁ ୧ ଲକ୍ଷ ଟଙ୍କା ସହାୟତା ଘୋଷଣା କରିଛନ୍ତି।

# ଭେନେଜୁଆଲା - ଆର୍ଥକ୍ୱାକ୍

ଭେନେଜୁଏଲାରେ ଘଟିଥିବା ଭୟଙ୍କର ଭୂକମ୍ପ ପରେ ଭାରତ 'ଅପରେସନ ଆମିସ୍ତାଦ' ଆରମ୍ଭ କରିଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ଏହି ଅଭିଯାନର ଅଂଶ ଭାବେ ଭାରତୀୟ ବାୟୁସେନାର ଦୁଇଟି ସି-୧୭ ଗ୍ଲୋବମାଷ୍ଟର ବିମାନ ଆଜି ସକାଳେ ଭେନେଜୁଏଲା ଅଭିମୁଖେ ଯାତ୍ରା କରିଛି । ଏହି ବିମାନଗୁଡ଼ିକରେ ମାନବିକ ସହାୟତା ସାମଗ୍ରୀ ସହ ୪୧ ଜଣିଆ ଉଦ୍ଧାରକାରୀ ଦଳ ପଠାଯାଇଛି । ସେଠାରେ ଆହତମାନଙ୍କୁ ଚିକିତ୍ସା ସେବା ଯୋଗାଇ ଦେବାଲାଗି ଚିକିତ୍ସା ଟାସ୍କ ଫୋର୍ସ, ଭାରତୀୟ ସେନାର ଫିଲ୍ଡ ହସ୍ପିଟାଲ ୟୁନିଟ୍, ଔଷଧ, ୩୦ ଟନ୍ ସହାୟତା ସାମଗ୍ରୀ, ୬ ଟନ୍ ଔଷଧ ଓ ଚିକିତ୍ସା ଉପକରଣ ସହ ଦୁଇଟି ପୋର୍ଟେବଲ୍ ହସ୍ପିଟାଲ ପଠାଯାଇଛି ।

ଅନ୍ୟପକ୍ଷରେ ଭେନେଜୁଏଲାରେ ଭୂମିକମ୍ପଜନିତ ମୃତ୍ୟୁସଂଖ୍ୟା ୯୨୦କୁ ବୃଦ୍ଧି ପାଇଛି। ପ୍ରାୟ ତିନି ହଜାର ୩ ଶହ ଲୋକ ଆହତ ହୋଇଛନ୍ତି। ଧ୍ୱଂସସ୍ତୂପ ମଧ୍ୟରେ ଉଦ୍ଧାରକାରୀ ଦଳ ଜୀବନ ରକ୍ଷା ପାଇଁ ତ୍ୱରିତ ଅଭିଯାନ ଚାଲାଇଛନ୍ତି।

## ରାମ ଟେମ୍ପଲ୍ ରିମାଣ୍ଡ୍

ଅଯୋଧ୍ୟାର ଏକ ଅଦାଲତ’ ଶ୍ରୀରାମ ମନ୍ଦିର ଦାନ ରାଶି ହେରଫେର ଅଭିଯୋଗ ମାମଲାରେ ଗିରଫ ୮ ଜଣ ଅଭିଯୁକ୍ତଙ୍କୁ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ନ୍ୟାୟିକ ହାଜତକୁ ପଠାଇଛନ୍ତି। ଗିରଫ ପରେ ସେମାନଙ୍କୁ ସ୍ଥାନୀୟ ଅଦାଲତରେ ହାଜର କରାଯାଇଥିଲା। ଅଯୋଧ୍ୟା ମୁଖ୍ୟ ନ୍ୟାୟିକ ମାଜିଷ୍ଟ୍ରେଟ୍ ଅଦାଲତର ସରକାରୀ ଓକିଲ କେ.ସି. ବର୍ମା କହିଛନ୍ତି, ଆସନ୍ତା ସୋମବାର ପୁଣିଥରେ ଅଭିଯୁକ୍ତମାନଙ୍କୁ ଅଦାଲତରେ ହାଜର କରାଯିବ। ସେ କହିଛନ୍ତି, ଅଭିଯୁକ୍ତମାନଙ୍କଠାରୁ ମୋଟ ଅଣାଅଶୀ ଲକ୍ଷ ୮୫ ହଜାର ଟଙ୍କା ଜବତ କରାଯାଇଛି । ତେବେ ଷଡ଼ଯନ୍ତ୍ରରେ ସମ୍ପୃକ୍ତ ଥିବା ସୁଭାଷଙ୍କଠାରୁ କୌଣସି ଟଙ୍କା ଜବତ ହୋଇନଥିବା ସେ ସୂଚନା ଦେଇଛନ୍ତି।

ଦୁର୍ନୀତି ନିବାରଣ ଆଇନ ଅଧୀନ ମାମଲାର ବିଚାର କରୁଥିବା ସ୍ୱତନ୍ତ୍ର ଅଦାଲତ ଛୁଟି ଥିବାରୁ ମାମଲାର ଶୁଣାଣି ସୋମବାର ପର୍ଯ୍ୟନ୍ତ ସ୍ଥଗିତ ରହିଛି। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ କେତେଜଣ ସରକାରୀ ଓ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କର୍ମଚାରୀ ରହିଥିବା ଜଣାପଡ଼ିଛି ।

# ହାଇଡ୍ରୋଜେନ ଫାସିଲିଟି - ନ୍ୟୁକ୍ଲିୟର୍

କେନ୍ଦ୍ର ପରମାଣୁ ଶକ୍ତି ବିଭାଗ ସଚିବ ଅଜିତ କୁମାର ମହାନ୍ତି ତାମିଲନାଡୁର କଲ୍ପକମସ୍ଥିତ ଇନ୍ଦିରା ଗାନ୍ଧୀ ପରମାଣୁ ଗବେଷଣା କେନ୍ଦ୍ର-ଆଇ.ଜି.ସି.ଏ.ଆର୍.ରେ ବିଶ୍ୱର ପ୍ରଥମ ହାଇଡ୍ରୋଜେନ୍ ଉତ୍ପାଦନ କେନ୍ଦ୍ରର ଉଦ୍ଘାଟନ କରିଛନ୍ତି । ଏହି କେନ୍ଦ୍ରରେ ଫାଷ୍ଟ ବ୍ରିଡର ଟେଷ୍ଟ ରିଆକ୍ଟରରୁ ଉତ୍ପାଦିତ ପରମାଣୁ ପ୍ରକ୍ରିୟା ଉତ୍ତାପକୁ ବ୍ୟବହାର କରି କପର-କ୍ଲୋରିନ୍ ଥର୍ମୋକେମିକାଲ୍ ସାଇକେଲ୍ ଆଧାରିତ ହାଇଡ୍ରୋଜେନ ଉତ୍ପାଦନ କରାଯିବ ।

ଏହି ଅବସରରେ ଡକ୍ଟର ମହାନ୍ତି କହିଛନ୍ତି, ହାଇଡ୍ରୋଜେନ୍ ଉତ୍ପାଦନ ଭଳି ସ୍ୱଚ୍ଛ ଶକ୍ତି ପ୍ରଯୁକ୍ତି ସହ ପରମାଣୁ ଶକ୍ତିର ସମନ୍ୱୟ ସ୍ଥାୟୀ ଶକ୍ତି ଭବିଷ୍ୟତ ଗଠନ ଦିଗରେ ଏକ ରଣନୈତିକ ପଦକ୍ଷେପ ସାବ୍ୟସ୍ତ ହେବ । ଏହାଦ୍ୱାରା ଅଙ୍ଗାରକମୁକ୍ତ ଓ ନିରନ୍ତର ବିଦ୍ୟୁତ୍ ଯୋଗାଣ କରିବାର କ୍ଷମତା ଥିବା ପରମାଣୁ ଶକ୍ତି ହାଇଡ୍ରୋଜେନ୍ ଉତ୍ପାଦନ ସହ ଭାରତର ଶକ୍ତି ସୁରକ୍ଷା, ଅଙ୍ଗାରକ ନିର୍ଗମନ ହ୍ରାସ ଏବଂ ଦୀର୍ଘକାଳୀନ ସ୍ଥାୟୀ ବିକାଶ ଲକ୍ଷ୍ୟ ପୂରଣରେ ସହାୟକ ହେବ। ବାର୍କ ଏବଂ ଆଇଜିସିଏଆରର ମିଳିତ ଉଦ୍ୟମରେ ଦୀର୍ଘଦିନର ଗବେଷଣା, ପ୍ରକ୍ରିୟା ବିକାଶ, ଯନ୍ତ୍ରାଂଶ ନିର୍ମାଣ, ସ୍ଥାପନ, ପରୀକ୍ଷଣ ଓ କାର୍ଯ୍ୟକ୍ଷମ କରାଯିବା ପରେ ଏହି କେନ୍ଦ୍ର କାର୍ଯ୍ୟକ୍ଷମ ହୋଇଥିବା ମନ୍ତ୍ରଣାଳୟ ସୂଚନା ଦେଇଛି ।

# ପ୍ରଧାନ - ଲେଟର୍ ଅଫ୍ ଇଣ୍ଟେଣ୍ଟ୍

ଆଇ.ଆଇ.ଟି. ବମ୍ବେ ଏବଂ ନ୍ୟୁୟର୍କର ଷ୍ଟେଟ୍ ୟୁନିଭର୍ସିଟି ଅଫ୍ ନ୍ୟୁୟର୍କ-ଓଲ୍ଡ ୱେଷ୍ଟବେରି ମଧ୍ୟରେ ଇଞ୍ଜିନିୟରିଂ, ଗବେଷଣା, ପ୍ରଯୁକ୍ତିବିଦ୍ୟା ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ସହଯୋଗର ସମ୍ଭାବନା ଅନ୍ୱେଷଣ ପାଇଁ ସ୍ୱାକ୍ଷରିତ ପ୍ରସ୍ତାବକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ୱାଗତ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ଶ୍ରୀ ପ୍ରଧାନ କହିଛନ୍ତି, ଜାତୀୟ ଶିକ୍ଷା ନୀତି-୨୦୨୦ ଭାରତର ଉଚ୍ଚଶିକ୍ଷାର ଆନ୍ତର୍ଜାତିକୀକରଣ ଉପରେ ବିଶେଷ ଗୁରୁତ୍ୱ ଦେବା ସହିତ ପ୍ରମୁଖ ଶିକ୍ଷାନୁଷ୍ଠାନ ଏବଂ ବିଶ୍ୱର ଅଗ୍ରଣୀ ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରେ ସହଭାଗିତାକୁ ପ୍ରୋତ୍ସାହିତ କରୁଛି। ସେ କହିଛନ୍ତି, ଏଭଳି ସହଯୋଗ ଗବେଷଣା ସଂସ୍କୃତିକୁ ସମୃଦ୍ଧ କରିବା ସହ ଛାତ୍ରଛାତ୍ରୀ, ଗବେଷକ ଓ ଶିକ୍ଷାର୍ଥୀଙ୍କ ପାଇଁ ନୂଆ ସୁଯୋଗ ଉନ୍ମୁକ୍ତ କରିବ । ଏହି ପଦକ୍ଷେପ ବିଶ୍ୱସ୍ତରୀୟ ଆହ୍ୱାନର ମୁକାବିଲା ସହ ଭାରତର ବୌଦ୍ଧିକ ସାମର୍ଥ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବ ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ।

# ଏ.ବି. ଫ୍ଲାଶ୍ ଫ୍ଲଡ୍ ରେସ୍କ୍ୟୁ

ଅରୁଣାଚଳ ପ୍ରଦେଶରେ ହୋଇଥିବା ଆକସ୍ମିକ ବନ୍ୟାରେ ନିଖୋଜ ୪ ଜଣଙ୍କ ସନ୍ଧାନ ଓ ଉଦ୍ଧାର କାର୍ଯ୍ୟ ତୃତୀୟ ଦିନ ସୁଦ୍ଧା ସଫଳ ହୋଇ ନାହିଁ।

ସନ୍ଧାନ ଓ ଉଦ୍ଧାର କାର୍ଯ୍ୟରେ ସ୍ଥାନୀୟ ଜନସାଧାରଣ, ପୂର୍ବତନ ପୁଲିସ କର୍ମଚାରୀ ଓ ସୈନିକ ଏବଂ ୨୩ ଜଣ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଯବାନ, ତଲାସି ଅଭିଯାନରେ ସାମିଲ୍ ହୋଇଥିଲେ। ସୂଚନା ଅନୁଯାୟୀ, ସେଠାକାର ଭିକେଭି ସ୍କୁଲରେ ସ୍ଥାପିତ ଅସ୍ଥାୟୀ ଆଶ୍ରୟସ୍ଥଳରେ ୬୨ ଜଣ ରହିଛନ୍ତି। ଜିଲ୍ଲା ପ୍ରଶାସନର କ୍ଷୟକ୍ଷତି ଆକଳନ ଅନୁଯାୟୀ ନିପ୍‌କୋ କଲୋନୀରେ ୩୦ଟି ଘର ସମ୍ପୂର୍ଣ୍ଣ ଭାସିଯାଇଥିବାବେଳେ ୫୨ଟି ଘର କ୍ଷତିଗ୍ରସ୍ତ ହୋଇଛି। ପୋସା ଗ୍ରାମରେ ୧୦ଟି ଘର ଭାସିଯାଇଥିବାବେଳେ ଆଉ ୨୦ଟି ଘର କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି । ନିଖୋଜ ବ୍ୟକ୍ତିଙ୍କୁ ଠାବ କରିବାପାଇଁ ଆଜି ପୁଣି ସନ୍ଧାନ ଅଭିଯାନ ଆରମ୍ଭ ହେବ ।

## ଗୋୟଲ - ଲଣ୍ଡନ୍

କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ୍ କହିଛନ୍ତି, ଭାରତ–ବ୍ରିଟେନ ସମ୍ପର୍କ ଉଭୟ ଦେଶ ମଧ୍ୟରେ ରଣନୈତିକ ଆର୍ଥିକ ଓ ବାଣିଜ୍ୟ ଚୁକ୍ତି ମାଧ୍ୟମରେ ନିର୍ଣ୍ଣାୟକ ଦିଗକୁ ଅଗ୍ରସର ହେଉଛି।

ଗତକାଲି ଲଣ୍ଡନରେ ଏକ ବାଣିଜ୍ୟିକ ଅଧିବେଶନରେ ଉଦ୍‌ବୋଧନ ଦେଇ ଶ୍ରୀ ଗୋୟଲ କହିଥିଲେ, ବିଭିନ୍ନ କ୍ଷେତ୍ରର ନେତାମାନଙ୍କ ସହ ଆଲୋଚନା କରିବା ସଫଳ ହୋଇଛି ।  ସେ ଉଭୟ ଦେଶର ବ୍ୟବସାୟିକ

ନେତୃବୃନ୍ଦଙ୍କୁ ସହଯୋଗ ବୃଦ୍ଧି, ନବସୃଜନ ଓ ନିବେଶ ବୃଦ୍ଧି ଲାଗି ଆହ୍ୱାନ ଦେଇଛନ୍ତି ।

## ଇସ୍ରାଏଲ୍-ଲେବାନନ୍ ଏଗ୍ରିମେଣ୍ଟ୍

ଆମେରିକାର ମଧ୍ୟସ୍ଥତାରେ ଇସ୍ରାଏଲ ଓ ଲେବାନନ ମଧ୍ୟରେ ସ୍ଥାୟୀ ଶାନ୍ତି ଏବଂ ସୁରକ୍ଷା ପ୍ରତିଷ୍ଠା ପାଇଁ ଏକ ଚୁକ୍ତି ଚୂଡ଼ାନ୍ତ ହୋଇଥିବା ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ କହିଛନ୍ତି। ପ୍ରସ୍ତାବିତ ଚୁକ୍ତିରେ ଯୁଦ୍ଧବିରତି ବ୍ୟବସ୍ଥା ରହିଛି। ତେବେ ଏଥିଲାଗି ହେଜବୋଲ୍ଲା ସମସ୍ତ ଆକ୍ରମଣ ବନ୍ଦ କରିବା ସହ ଦକ୍ଷିଣ ଲେବାନନରୁ ସୈନ୍ୟ ପ୍ରତ୍ୟାହାର କରିବା ସର୍ତ୍ତ ରହିଛି। ସୂଚନା ଅନୁଯାୟୀ ଆମେରିକାର ମଧ୍ୟସ୍ଥତା ଓ ସହଯୋଗରେ ଲେବାନନ ଏବଂ ଇସ୍ରାଏଲ ସରକାରଙ୍କ ମଧ୍ୟରେ ଏହି ଚୁକ୍ତି ସମ୍ପନ୍ନ ହୋଇଛି।

ଆମେରିକାରେ ଲେବାନନର ରାଷ୍ଟ୍ରଦୂତ ନାଦା ହମାଦେହ ଏହି ଆଲୋଚନାର ଆୟୋଜନ ପାଇଁ ନେତୃବୃନ୍ଦଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେ ଏହି ପଦକ୍ଷେପକୁ ସ୍ୱାଗତ କରିଥିବାବେଳେ, ଆମେରିକାରେ ଇସ୍ରାଏଲର ରାଷ୍ଟ୍ରଦୂତ ୟେଚିଏଲ୍ ଲିଟର ଏହାକୁ ଏକ ଐତିହାସିକ ଘଟଣା ବୋଲି ବର୍ଣ୍ଣନା କରିଛନ୍ତି।

# ୟୁ.ଏସ୍. ଷ୍ଟ୍ରାଇକ୍ - ଇରାନ୍

ହର୍ମୁଜ୍ ପ୍ରଣାଳୀରେ ଏକ ବାଣିଜ୍ୟିକ ଜାହାଜ ଉପରେ ଡ୍ରୋନ୍ ଆକ୍ରମଣର ପ୍ରତିକ୍ରିୟା ସ୍ୱରୂପ ଆମେରିକା ଇରାନ ଉପରେ ଆକ୍ରମଣ କରିଛି। ଆମେରିକାର ସେଣ୍ଟ୍ରାଲ୍ କମାଣ୍ଡ-ସେଣ୍ଟକମ୍ ପକ୍ଷରୁ ଜାରି ହୋଇଥିବା ସୂଚନା ଅନୁଯାୟୀ ଇରାନର କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଉତ୍କ୍ଷେପଣ କେନ୍ଦ୍ର ସହ ଉପକୂଳବର୍ତ୍ତୀ ରାଡାର କେନ୍ଦ୍ରଗୁଡ଼ିକ ଉପରେ ଆକ୍ରମଣ କରାଯାଇଛି । ଆକ୍ରମଣର କିଛି ସମୟ ପୂର୍ବରୁ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଥିଲେ, ଯୁଦ୍ଧବିରତି ଚୁକ୍ତି ଉଲ୍ଲଂଘନ ପାଇଁ ଇରାନ ଉପରେ ଆକ୍ରମଣ କରାଯାଇପାରେ । ଅନ୍ୟପକ୍ଷରେ ବ୍ରିଟେନର ସେନା କହିଛି, ଇରାନ ସତର୍କତା ଜାରି କରିବାର କିଛି ଘଣ୍ଟା ପରେ ଓମାନ ଉପକୂଳରେ ଏକ କଣ୍ଟେନର ଜାହାଜ ଉପରେ କ୍ଷେପଣାସ୍ତ୍ର ଆକ୍ରମଣ ହୋଇଛି।

# ଇରାନ୍ - ହର୍ମୁଜ୍ ରୁଟ୍ସ୍

ହର୍ମୁଜ୍ ପ୍ରଣାଳୀ ଦେଇ ଯାତାୟାତ କରୁଥିବା ବାଣିଜ୍ୟିକ ଜାହାଜଗୁଡ଼ିକୁ ତେହେରାନ ଅନୁମୋଦିତ ଜଳପଥ ବ୍ୟବହାର କରିବାକୁ ପଡ଼ିବ ବୋଲି ଇରାନର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପ୍ସ (ଆଇ.ଆର୍.ଜି.ସି.)

କହିଛି । ସମ୍ପୃକ୍ତ ଅଞ୍ଚଳରେ  ଆଇ.ଆର.ଜି.ସି. ଏବଂ ଆମେରିକାର ସେଣ୍ଟ୍ରାଲ୍ କମାଣ୍ଡ ମଧ୍ୟରେ ଯୋଗାଯୋଗ ରକ୍ଷା କରାଯାଇ କାର୍ଯ୍ୟ କରାଯାଉଥିଲେ ମଧ୍ୟ ଏହି ନିର୍ଦ୍ଦେଶ ଜାରି କରାଯାଇଛି।

ଇରାନର ସରକାରୀ ଗଣମାଧ୍ୟମ ଅନୁସାରେ, ନିର୍ଦ୍ଦିଷ୍ଟ ଜଳପଥ ବାହାରେ ଜାହାଜ ଚଳାଚଳକୁ ଅନୁମତି ଦିଆଯିବ ନାହିଁ। ହର୍ମୁଜ୍ ପ୍ରଣାଳୀ ଦେଇ ବେଆଇନ ଭାବେ ଯାତାୟାତ କରିବା ସହ ଦକ୍ଷିଣ କରିଡର ବ୍ୟବହାର କରିବାକୁ ଉଦ୍ୟମ କରୁଥିବା ତିନୋଟି ବିଦେଶୀ ତୈଳବାହୀ ଜାହାଜକୁ ଅଟକାଇ ଦିଆଯାଇଥିବା ଇରାନ୍ ପକ୍ଷରୁ କୁହାଯାଇଛି ।

ତେହେରାନର ଅନୁମୋଦନ ନଥିବା ବିକଳ୍ପ ଜଳପଥଗୁଡ଼ିକୁ ଆବଶ୍ୟକ ପଡ଼ିଲେ ବନ୍ଦ କରାଯାଇପାରେ ବୋଲି ଇରାନର ଉପ-ବୈଦେଶିକ ମନ୍ତ୍ରୀ କହିଛନ୍ତି ।

## ସ୍ପୋର୍ଟସ୍ ରାଉଣ୍ଡ ଅପ୍

ଏଫ୍.ଆଇ.ଏଚ୍. ପୁରୁଷ ପ୍ରୋ ଲିଗ୍ ହକିରେ ଭାରତ ଗତକାଲି ଲଣ୍ଡନସ୍ଥିତ ଲି ଭ୍ୟାଲି ହକି ଆଣ୍ଡ ଟେନିସ୍ ସେଣ୍ଟରରେ ଅନୁଷ୍ଠିତ ମ୍ୟାଚ୍‌ରେ ପାକିସ୍ତାନକୁ ୭-୧ ଗୋଲ୍‌ରେ ପରାସ୍ତ କରିଛି। ଭାରତ ପକ୍ଷରୁ ୭ ଜଣ ଭିନ୍ନ

ଭିନ୍ନ ଖେଳାଳି ଗୋଲ୍ ସ୍କୋର କରିଥିଲେ। ଆସନ୍ତାକାଲି ଭାରତ ଓ ଇଂଲଣ୍ଡ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

ଫିଫା ବିଶ୍ୱକପ୍‌ର ଗ୍ରୁପ୍‌–ଆଇ'ର ଶେଷ ପର୍ଯ୍ୟାୟ ମ୍ୟାଚ୍‌ରେ ଫ୍ରାନ୍ସ ୪-୧ରେ ନରୱେକୁ ପରାସ୍ତ କରିଥିବାବେଳେ ଅନ୍ୟ ଏକ ମ୍ୟାଚ୍‌ରେ ସେନେଗାଲ୍ ୫-୦ ଗୋଲ୍‌ରେ ଇରାକ୍‌କୁ ପରାସ୍ତ କରିଛି ।

ପୁରୁଷ କ୍ରିକେଟରେ, ବେଲଫାଷ୍ଟରେ ଗତକାଲି ଅନୁଷ୍ଠିତ ଦୁଇ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାର ପ୍ରଥମ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚରେ ଆୟରଲ୍ୟାଣ୍ଡ ୩୪ ରନ୍‌ରେ ଭାରତକୁ ପରାସ୍ତ କରିଛି। ଭାରତ ବିରୋଧରେ ସମସ୍ତ ଫର୍ମାଟରେ ଆୟରଲ୍ୟାଣ୍ଡର ଏହା ପ୍ରଥମ ବିଜୟ।

୧୮୩ ରନ୍‌ର ବିଜୟ ଲକ୍ଷ୍ୟ ପିଛା କରି ଭାରତ ୬ଟି ବଲ୍ ବାକିଥାଇ ୧୪୮ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ପ୍ରଥମେ ବ୍ୟାଟିଂ କରି ଆୟରଲ୍ୟାଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ବିନିମୟରେ ୧୮୨ ରନ୍ ସଂଗ୍ରହ କରିଥିଲା।

ଏହି ଶୃଙ୍ଖଳାର ଦ୍ୱିତୀୟ ତଥା ଶେଷ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଆସନ୍ତାକାଲି ଖେଳାଯିବ।

*****